# Akashvani, Sambalpur

## SAMBALPURI NEWS EVENING BULLETIN

## 24 January 2026 - 7.02 pm- 7.12 pm.

*********************************************

୧- ଯୁଆନ୍ ପିଢ଼ି ଲାଗି ଦେଶ୍ ଆଉ ବିଦେଶ୍ ନ ନୂଆ ସୁଯୋଗ୍ ବନାବାର୍ ଲାଗି ସରକାର ଚେରେଷ୍ଟା କରୁଛନ୍, କହେଲେ ପ୍ରଧାନମନ୍ତ୍ରୀ ।

-୧୮ ନମ୍ବର ରାଷ୍ଟ୍ରୀୟ ରୋଜଗାର ମେଲାଥି ୬୧ ହଜାର୍‌ନୁ ଅଏତ୍‌କା ନୂଆନିଯୁକ୍ତଙ୍କୁ ବାଂଟ୍‌ଲେ ନିଯୁକ୍ତିପତ୍ର ।

୨- ଆକାଶବାଣୀର୍ ମାସ୍‌କିଆ ରେଡିଓ କାର୍ଯ୍ୟକ୍ରମ ମନ୍ ବୀ ବାତ୍‌ଥି ଆଏବାକାଏଲ୍ ଦେଶ୍‌ବାସୀଙ୍କର ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନମନ୍ତ୍ରୀ ।

୩- ଦେଶେ କାର୍ଯ୍ୟକାରୀ ହଉଥିବା ନୂଆ ଜାତୀୟ ଶିକ୍ଷାନୀତିଥି କ୍ରୀଡ଼ାକେ ପାଠ୍ୟକ୍ରମ୍‌ର ଗୁଟେ ଅଂଶ ଭାବେ ରଖାଯାଇଛେ- କହେଲେ ଧର୍ମେନ୍ଦ୍ର ପ୍ରଧାନ ।

ଆଉର୍

୪- 'ସ୍ଥାୟୀ ଭବିଷ୍ୟତ୍ ଲାଗି କନ୍ୟାରତ୍ନଙ୍କର୍ ସଶକ୍ତୀକରଣ' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ କନ୍ୟା ସନ୍ତାନ ଦିବସ୍ ।

ପ୍ରଧାନମନ୍ତ୍ରୀ-ରୋଜଗାର ମେଲା ଏନ୍ଏସ୍ଡି

ଭାରତ୍ ସରକାର ଦେଶେ ଆଉ ଦେଶ୍ ବାହାରେ ତାର୍ ୟୁଆନ୍ ପିଲାଟୁକେଲ୍ମାନ୍କର ଲାଗି ନୂଆ ସୁଯୋଗ୍ ତିଆର୍ କର୍ବାର୍କେ ଅହରହ ଚେରେଷ୍ଟା କରୁଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ୧୮ ନମ୍ବର ରାଷ୍ଟ୍ରୀୟ ରୋଜଗାର ମେଲାକେ ଆଭାସୀ ଜରିଏ ଉଦ୍‌ବୋଧନ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଦେଶର୍ କୁଶଲୀ ୟୁଆନ୍ ପିଲାଟୁକେଲ୍ମାନ୍କର ଲାଗି ସୁଯୋଗ୍ର ବାଟ୍ ଫିଟବାର୍ ଲାଗି ସରକାର ଭିନ୍ ଭିନ୍ ଦେଶ୍ ସଙ୍ଗେ ବହୁତ୍ଟେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ । ଭାରତର ଅର୍ଥନୀତି ଗଲା ଗୁଟେ ଦଶନ୍ଧି ଭିତ୍ରେ ମୋଟ୍ ଘରୋଇ ଉତ୍ପାଦ- ଜିଡିପିକେ ଦୁଇଗୁନା କର୍ବାର୍ଥି ପୁର୍ଥିର୍ ଗୁଟେ ନ ମାତ୍ର ଅର୍ଥନୀତି ହେଇପାରିଛେ । ପ୍ରତ୍ୟକ୍ଷ ପୁଞ୍ଜିନିବିନିଯୋଗ୍ ଆଧାର୍ଥି ଇହାଦେ ଭାରତ୍ ନ ଶହେନୁ ଅଏତ୍କା ଦେଶ୍ ପୁଞ୍ଜିନିବେଶ୍ କରୁଛନ୍, ଯେନ୍ଟାକି ୨୦୧୪ ମସିହାଠାନୁ ଅଢ଼େଗୁନା ଅଏତ୍କା ଆଏ । ଇ ନିବେଶ୍ ଲାଗି ଆଏଜ୍ ଦେଶର୍ ଏତେ ମାତ୍ରାରେ ନିଯୁକ୍ତି ମେଲାର୍ ଆୟୋଜନ୍ କରାଯାଇପାରୁଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍....

(ଭଏସ୍- ପ୍ରଧାନମନ୍ତ୍ରୀ)

ନୂଆଦିଲ୍ଲୀ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ପ୍ରଧାନମନ୍ତ୍ରୀ ଆଭାସୀ ଜରିଏ ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରଣାଳୟଥି ନୂଆକରି ନିଯୁକ୍ତି ପାଇଥିବା ୬୧ ହଜାର୍‌ନୁ ଅଏତ୍‌କା ଝନ୍‌କୁ ନିଯୁକ୍ତିପତ୍ର ବାଂଟିଛନ୍ । ନୂଆଦିଲ୍ଲୀ ସହେତେ ଦେଶର୍ ୪୫ଟା ଜାଗାନ ଆଏଜ୍ ନିଯୁକ୍ତି ମେଲାରେ୍ ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଆଝିରର୍ ଦିନ୍‌ର ମହତ୍ୱ ବାବ୍‌ଦେ ଭିଲ୍ ବୁଝେଇଥିଲେ । ଜାନୁୟାରୀ ୨୪ ତାରିଖ୍ ଦିନ ଆମର୍ ସମ୍ବିଧାନ ଜନ ଗଣ ମନ ଗୀତ୍‌କେ ଜାତୀୟ ସଙ୍ଗୀତ ଆଉ ବନ୍ଦେ ମାତରମ୍‌କେ ରାଷ୍ଟ୍ରୀୟ ଗୀତ୍‌ର ମାଏନ୍‌ତା ଦେଇଥିଲା ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍-ପ୍ରଧାନମନ୍ତ୍ରୀ)

ସେଆଡ଼େ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ପରିସର୍ ନ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ରୋଜଗାର ମେଲାର୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗର୍ ୩ ଶହ ୪୯ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ

ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

କୃଷି ଓଡ଼ିଶା-୨୦୨୬ ସମ୍ମିଳନୀ ଆଇ.ଆଣ୍ଡ.ପି.ଆର

ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଲ୍ ପଡ଼ିଆ ନ ତିନ୍‌ଦିନ୍ ଧରି କରି ଚାଲିଥିବା କୃଷି ଓଡ଼ିଶା-୨୦୨୬ ସମ୍ମିଳନୀ ଆଏଜ୍ ଉଦ୍‌ଯାପିତ୍ ହଉଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ **I & PR**

ଆଏବା ସୋମବାର ଦିନ ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ସରକାରୀ ଛୁଟି ଥିବାର୍‌ନୁ ଭୁବନେଶ୍ୱର ନ ମୁଖ୍ୟମନ୍ତ୍ରୀଙ୍କର ଜନ ଅଭିଯୋଗ ଶୁଣାଣି ଶିବିର୍ ବନ୍ଦ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ ଜରିଏ ଲୁକ୍‌ଙ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟ ଶାସନ ସଚିବ-ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର,ଏକ୍ସ

ଜନସାଧାରଣଙ୍କର ଅଭିଯୋଗ୍ ଶୁଣାଣିକେ ଗୁରୁତ୍ୱ ଦେଇକରି ସୋମବାର କେନ୍‌ସି ସରକାରୀ ବୈଠକ୍ ନାଇ କର୍‌ବାର୍‌କେ ସବୁ ବିଭାଗର୍ ଅଧିକାରୀମାନ୍‌ଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ । ସୋମବାର ବାଦ୍ ଫି ମାସର୍ ତିନ୍ ନମ୍ବର ଶନିବାର ଦିନ ଭିତିଭୂମି ପ୍ରକଳ୍ପର ସମୀକ୍ଷା କରାଯିବା କଲି ଶ୍ରୀମତୀ ଗର୍ଗ କହିଛନ୍ ।

ହୀରକ ତ୍ରିଭୁଜ-ୟୁନେସ୍କୋ ମାଏନ୍‌ତା ଆର୍‌ଏନ୍‌ୟୁ/ କଟକ

ଓଡ଼ିଶାର୍ ହୀରକ୍ ତ୍ରିଭୁଜ ମାଏନ୍‌ତା ପାଇଥିବା ବୌଦ୍ଧସ୍ତୁପ ରତ୍ନଗିରି, ଲଳିତଗିରି ଆଉ ଉଦୟଗିରିକେ ବିଶ୍ୱ ଐତିହ୍ୟ

ମାଏନ୍‌ତା ଦେବାର୍ ଲାଗି ଭାରତର୍ ଆବେଦନ୍‌କେ ୟୁନେସ୍କୋ ତର୍‌ଫୁ ଗ୍ରହଣ କରାଯାଇଛେ । ୮ ମାସ୍ ଆଗୋନୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ-ଏ.ଏସ୍.ଆଇ. ତର୍‌ଫୁ ହୀରକ ତ୍ରିଭୁଜ ବାବ୍‌ଦେ ତଥ୍ୟ ଆଉ ଦସ୍ତାବିଜ୍ ୟୁନେସ୍କୋ ପାଖେ ଦାଖଲ୍ କରାଯାଇଥିଲା । ଇ ପଦକ୍ଷେପ୍ ରାଜ୍ୟ ସଂସ୍କୃତି ଆଉ ଐତିହ୍ୟର୍ ଲାଗି ଗୌରବ୍‌ର ବିଷୟ ଆଏ ବଲି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡ଼ା ସାମାଜିକ ଗଣମାଧ୍ୟମଥି କହିଛନ୍ । ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର୍ ବିକାଶ୍ ଲାଗି ଚେରୋଷ୍ଟା ଜାରି ରଖିଛନ୍ । ଲୁକେ ଯେନ୍ତା ଐତିହ୍ୟସ୍ଥଲ୍‌ମାନ୍‌କର  ସହଜ୍ ଭାବେ ବୁଲି ପାର୍‌ବେ ଆଉ ସୁବିଧା ପାଇପାର୍‌ବେ ତାର୍ ଉପ୍‌ରେ ପଦକ୍ଷେପ୍ ନିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତ          ସମ୍ବଲପୁର ସମ୍ବାଦଦାତା

ଦେଶେ କାର୍ଯ୍ୟକାରୀ ହଉଥିବା ନୂଆ ଜାତୀୟ ଶିକ୍ଷାନୀତିଥି କ୍ରୀଡ଼ାକେ ପାଠ୍ୟକ୍ରମ୍‌ର ଗୁଟେ ଅଂଶ ଭାବେ ରଖାଯାଇଛେ । ଖାଲି ପାଠ୍ ପଢ଼ଲେ, ନାହିଁ ହୁଏ, ଶାରୀରିକ ଆଉ ମାନସିକ ବିକାଶ ଲାଗି ଖେଲ୍‌କୁଦ୍ ଭିଲ୍ ଜରୁରୀ ଆଏ ବଲି କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ । ନିଜର୍ ନିର୍ବାଚନ୍ ମଣ୍ଡଳୀ ସମ୍ବଲପୁର ଜିଲ୍ଲାର୍ କୁଚିଣ୍ଡା ଉପଖଣ୍ଡ କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସର ନ ୧୦ କୋଟି ୪୬ ଲାକ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଅତ୍ୟାଧୁନିକ ଇନ୍ଡୋର୍ ଷ୍ଟାଡିୟମ୍ ଆଉ କର୍ମଚାରୀ ଆବାସ ଉଦ୍‌ଘାଟନ୍ କରି କରି ଶ୍ରୀ ପ୍ରଧାନ ଇଟା କହିଛନ୍ ।

ଗସ୍ତ ଅବ୍‌ସରେ ଶ୍ରୀ ପ୍ରଧାନ ସମ୍ବଲପୁର ଚନ୍ଦ୍ରଶେଖର ବରିହା ବିଦ୍ୟାଳୟ ନ ବୋଇଂ ସୁକନ୍ୟା କାର୍ଯ୍ୟକ୍ରମ ଷ୍ଟେମ୍ ଲେବ୍‌ର ଉଦ୍‌ଘାଟନ୍ କରି କରି ଇ ପଦକ୍ଷେପ୍ ଛାତ୍ରଛାତ୍ରୀମାନ୍‌ଙ୍କୁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଆଉ ମହାକାଶ ବିଜ୍ଞାନ କ୍ଷେତ୍ରଥି ନୂଆ ବାଟ୍ ଦେଖାବା ବଲି କହିଛନ୍ । ଇତାର୍ ସହେତେ ବିଦ୍ୟାଳୟକେ ୧୨ ଶ୍ରେଣୀତକ୍ ଉନ୍ନିତ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଶ୍ରୀ ପ୍ରଧାନ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

(ଭଏସ୍-ଧର୍ମେନ୍ଦ୍ର ପ୍ରଧାନ)

ବକ୍ସି ଜଗବନ୍ଧୁ ପୁଣ୍ୟତିଥି ଆଇ.ଆଣ୍ଡ୍.ପି.ଆର

ମହାନ ବିପ୍ଳବୀ ସହିଦ ବକ୍ସି ଜଗବନ୍ଧୁଙ୍କ ପୁଣ୍ୟ ତିଥି ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ

ଅବ୍ସରେ ଆଏଜ୍ ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନ୍ହଲ୍ ନ ହେଇଥିବା ଗୁଟେ ସମାରୋହଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଛନ୍ । ସେଆଡ଼େ ଆଏଜ୍ ସଖାଲ୍ବେଲା ଭୁବନେଶ୍ୱର ସଂଗ୍ରହାଲୟ ଛକ୍ଠାନେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତି ନ ବହୁତ୍ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ପାଇକ ବିଦ୍ରୋହର୍ ପ୍ରମୁଖ ନାୟକ, ସ୍ୱାଭିମାନୀ ଓଡ଼ିଆ ଜାତିର୍ ପରାକ୍ରମୀ ସେନାପତି ବକ୍ସି ଜଗବନ୍ଧୁଙ୍କର ମାତୃଭୂମିର ସୁରକ୍ଷା ଆଉ ସ୍ୱାଧୀନତା ଲାଗି ଅଦମ୍ୟ ସାହାସ୍ ଆଉ ବଳିଦାନ ସମ୍କର ଲାଗି ତହଁକ୍ ହେଇକରି ରହେବା ବଲି କହିଛନ୍ ।

ଚନ୍ଦ୍ରଭାଗା ବୁଡ଼ ପୁରୀ ସମ୍ବାଦଦାତା

ମାଘ ସପ୍ତମୀ ଅବ୍ସରେ ଆଏବାକାଏଲ୍ ପୁରୀ ଜିଲ୍ଲା କୋଣାର୍କ ଚନ୍ଦ୍ରଭାଗା ନ ମାଘ ବୁଡ଼ ପକାବାର୍ ପରମ୍ପରା ରହିଛେ । ଇ ଅବ୍ସରେ ଲାଖ୍ ଲାଖ୍ ସଂଖ୍ୟାଥି ଶ୍ରଦ୍ଧାଳୁ ଚନ୍ଦ୍ରଭାଗାକେ ପୁହୁଁଚିବାର୍ ସମ୍ଭାବନା ରହିଛେ । ଶ୍ରଦ୍ଧାଳୁଙ୍କର ଭିଡ଼କେ ନଜର୍ଥି ରଖିକରି ପ୍ରଶାସନ ଆଉ ପୁଲିସ ତର୍ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ଜାତୀୟ କନ୍ୟା ସନ୍ତାନ ଦିବସ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଝି'ମାନ୍‌କୁ ସବୁ ସୁବିଧା ସୁଯୋଗ୍ ଯୁଗେଇ ଦେଇକରି ସେମାନ୍‌କର ସୁସ୍ୱାସ୍ଥ୍ୟ ଆଉ ସାମଗ୍ରୀ ବିକାଶ ଦିଗେ ସଚେତନ୍ କର୍‌ବାର ଲକ୍ଷ୍ୟଥି ଆଏଜ୍ ଜାତୀୟ କନ୍ୟା ସନ୍ତାନ ଦିବସ୍ ପାଳନ୍ କରାଯାଉଛେ । ଖାସ୍‌କରି ପୁଓ-ଝି' ଭିତ୍‌ରେ କେନ୍‌ସି ବାଛ୍‌ବିଚାର୍ ନାଇ କରି କରି ସମ୍‌କୁ ସମାନ୍ ସୁଯୋଗ୍ ଦିଆଗଲେ ଝି'ମାନେ ଦେଶର୍ ସଶକ୍ତ ନାଗରିକ ଭାବେ ନେତୃତ୍ୱ ନେଇପାର୍‌ବେ । ଇ ବଛର୍ ଜାତୀୟ କନ୍ୟା ସନ୍ତାନ ଦିବସ୍‌ର ବାର୍ତା ହଉଛେ 'ସ୍ଥାୟୀ ଭବିଷ୍ୟତ୍ ଲାଗି କନ୍ୟାରତ୍ନଙ୍କର୍ ସଶକ୍ତୀକରଣ' ।

ଆଏଜ୍ ଅନ୍ତର୍ଜାତୀୟ ଶିକ୍ଷା ଦିବସ୍ ଭିଲ୍ ପାଳନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ଶିକ୍ଷାର୍ ସହ-ଦୃଷ୍ଟିଥି ଯୁଆନ୍ ପିଢ଼ିର୍ ଶକ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ         ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ୍ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ବାର୍ଷିକ୍ ଉତ୍ସବ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର

ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଉପସ୍ଥିତ ଥିଲେ । ତାର୍ ଆଗୋନୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନୂଆକରି ତିଆର୍ ହେଇଥିବା ଶହେ ଆସନ୍ ବ୍ୟବସ୍ଥା ଥିବା ଛାତ୍ରାବାସ୍‌ର ଲୋକାର୍ପଣ କରିଥିଲେ ।

ବାଜି ରାଉତ୍ କପ୍ ଉଦ୍‌ଯାପିତ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଫୋର୍-ସି ପଡ଼ିଆ ନ ଚାଲିଥିବା ବାଜି ରାଉତ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଫାଇନାଲ୍ ମେଚ୍‌ଥି ସମ୍ବଲପୁର ଦଲ୍ ୫-୧ ଗୋଲ୍‌ଥି ଅନୁଗୁଲ୍ ଦଲ୍‌କେ ହରେଇକରି ଚେମ୍ପିଅନ୍ ହେଇଛେ । ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ, କ୍ରୀଡ଼ା ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ୍ ଅତିଥି ଭାବେ ଯୋଗ୍ ଦେଇକରି ଖେଳାଳିମାନ୍‌ଙ୍କୁ ପୁରସ୍କୃତ୍ କରିଥିଲେ ।

ତିଲେଶ୍ୱର କପ୍ ଫୁଟ୍‌ବଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱରଠାନେ ଚାଲିଥିବା ତିଲେଶ୍ୱର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ୍ ହେଇଯାଇଛେ ।

ଉଦ୍‌ଘାଟନୀ ମେଚ୍ ଆଫ୍ରିକା ୧୧ ଆଉ ମଣିପୁର ୧୧ ଦଲ୍ ଭିତ୍‌ରେ ଖେଲାଯାଇଥିଲା । ଆଫ୍ରିକା ଦଲ୍ ୩-୦ ଗୋଲ୍‌ଥି ମଣିପୁର ଦଲ୍‌କେ ହରେଇକରି ସେମି ଫାଇନାଲ୍‌କେ ଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ ସରୋଜ୍ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାରସୁଗୁଡ଼ା, କଲାହାଣ୍ଡି ସହେତେ ରାଜ୍ୟର୍ ୧୨ ଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।